ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ



ଭାରତୀୟ ରେଳବାଇ ବିଶ୍ୱର ଅନ୍ୟତମ ବ୍ୟସ୍ତ ଏବଂ ବୃହତ୍ତମ ରେଳ ନେଟ୍‌ୱାର୍କ । ଏହା ଆକାର ଏବଂ ପରିବହନ ମାମଲାରେ ସାରା ପୃଥିବୀରେ ତୃତୀୟ ଏବଂ ଏସିଆ ମହାଦେଶରେ ପ୍ରଥମ । ଭାରତୀୟ ରେଳବାଇ ଏସିଆ ମହାଦେଶର ସର୍ବପୁରାତନ ରେଳ ନେଟ୍‌ୱାର୍କ । ୧୮୫୩ ମସିହା ଏପ୍ରିଲ ୧୬ ତାରିଖରେ ଭାରତର ପ୍ରଥମ ରେଳ ଚଳାଚଳ ବୋରିବନ୍ଦରଠାରୁ ଥାନେ ପର୍ଯ୍ୟନ୍ତ ପ୍ରାୟ ୩୪ କିଲୋମିଟର ହୋଇଥିଲା । ଭାରତରେ ସାର୍ବଜନୀନ ରେଳ ଯୋଗାଯୋଗ ଇଂରେଜମାନେ ଆରମ୍ଭ କରିଥିଲେ । ଅବଶ୍ୟ କେତେକ ଭାରତୀୟ ରାଜା ନିଜସ୍ୱ ରେଳ ପ୍ରଚଳନ କରିଥିଲେ । ଭାରତୀୟ ରେଳବାଇ ଏହାର ସଂଲଗ୍ନ ଦେଶଗୁଡ଼ିକରେ ରେଳ ଯୋଗାଯୋଗ ଆରମ୍ଭ କରିବାର ଯୋଜନା କରୁଛନ୍ତି । ଭାରତରେ ପ୍ରାୟ ୮୦୦ ରେଳ ଷ୍ଟେସନ ରହିଛି । ଏ ମଧ୍ୟରୁ ଅନେକ ଷ୍ଟେସନ ସୌନ୍ଦର୍ଯ୍ୟରେ ଏକକୁ ଆରେକ ବଳି । ଭାରତର ସବୁଠାରୁ ସୁନ୍ଦର ଏବଂ ପୁରାତନ ରେଳ ଷ୍ଟେସନଗୁଡ଼ିକ ମଧ୍ୟରେ ରହିଛି ରୋୟାପୁରମ୍ ରେଳ ଷ୍ଟେସନ, ଛତ୍ରପତି ଶିବାନୀ ଟର୍ମିନାଲ, ଘୁମ୍ ରେଳ ଷ୍ଟେସନ, ଦୁଧସାଗର ରେଳ ଷ୍ଟେସନ ଇତ୍ୟାଦି । ଏହି ପରିପ୍ରେକ୍ଷୀରେ ଆସନ୍ତୁ ଜାଣିବା ଭାରତର ସବୁଠାରୁ ସୁନ୍ଦର ଏବଂ ସର୍ବପୁରାତନ ରେଳଷ୍ଟେସନଗୁଡ଼ିକୁ ।

# ଦେଶର ଦେଖିବା ଭଳି ରେଳ ଷ୍ଟେସନ




### ଚେନ୍ନାଇ ସେଣ୍ଟ୍ରାଲ ଷ୍ଟେସନ

ଚେନ୍ନାଇ ସେଣ୍ଟ୍ରାଲ ରେଳ ଷ୍ଟସନ ସାରା ଭାରତର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ସୁନ୍ଦର ରେଳଷ୍ଟେସନ ମଧ୍ୟରୁ ଅନ୍ୟତମ । ଏହା ଚେନ୍ନାଇର ଅନ୍ୟତମ ବିଖ୍ୟାତ ସ୍ଥାନ । ଏହି ଷ୍ଟେସନ ମଧ୍ୟ ଚେନ୍ନାଇର ଲୋକାଲ ରେଳ ବ୍ୟବସ୍ଥାର ମୁଖ୍ୟସ୍ଥଳ । ଦକ୍ଷିଣ ଭାରତର ଏହା ସବୁଠାରୁ ଲାଭଦାୟୀ ରେଳ ଷ୍ଟେସନ । ପ୍ରତିଦିନ ପ୍ରାୟ ସାଢ଼େ ୩ଲକ୍ଷ ଯାତ୍ରୀ ଏହି ରେଳ ଷ୍ଟେସନ ବ୍ୟବହାର କରନ୍ତି । ଏହି ଜଙ୍କସନ୍‌ରେ ଦୂରଗାମୀ ରେଳ ପାଇଁ ୧୫ଟି ପ୍ଲାଟଫର୍ମ ଏବଂ ଲୋକାଲ




ଟ୍ରେନ୍ ପାଇଁ ସ୍ୱତନ୍ତ୍ର ଭାବରେ ତିନୋଟି ପ୍ଲାଟଫର୍ମ ରହିଛି । ଏହି ଷ୍ଟେସନ ସବୁଦାୟ ୯୫୦ ମିଟର ଦୀର୍ଘ । ୧୮୭୩ ମସିହାରେ ବନ୍ଦର କାର୍ଯ୍ୟକଳାପରେ ସଂଯୁକ୍ତ ରୋୟାପୁରମ୍ ବନ୍ଦର ଷ୍ଟେସନ୍‌ର ବ୍ୟସ୍ତତାକୁ କମ୍ କରିବା ପାଇଁ ତତ୍କାଳୀନ ପାର୍କଟାଉନ୍ ଠାରେ ନିମତ ହୋଇଥିଲା ଏହି ଷ୍ଟେସନ୍ । ସେତେବେଳେ ଏହାର ନାମ ଥିଲା ମାଡ୍ରାସ୍ ସେଣ୍ଟ୍ରାଲ୍ । ଜନ୍ ପେରିଏରା ଗାର୍ଡେନ୍ ଠାରେ ନିର୍ମିତ ହୋଇଥିଲା ଏହି ରେଳ ଷ୍ଟେସନ୍ । ସୂଚନା ଯୋଗ୍ୟ ଏହି ଉଦ୍ୟାନଟି ଥିଲା ନେଗାପଟ୍ଟନମ୍ ବନ୍ଦର ସହରରେ ବାସ କରୁଥିବା ପର୍ତ୍ତୁଗୀଜ୍ ବ୍ୟବସାୟୀ ଜୋଆଅ ପେରିଏରା ଡି’ ଫାରିଆଙ୍କର ଯିଏକି ୧୬୬୦ ମସିହାରେ ଆସି ମାନ୍ଦ୍ରାଜ୍‌ରେ ସ୍ଥାୟୀ ହୋଇ ରହି ଯାଇଥିଲେ ।

### ଗୋରଖପୁର ରେଳ ଷ୍ଟେସନ

ଗୋରଖପୁର ୟାର୍ଡ ପରେ ଗୋରଖପୁର ରେଳ ଷ୍ଟେସନ ହିଁ ପୃଥିବୀର ଦୀର୍ଘତମ ରେଳ ପ୍ଲାଟଫର୍ମ । ଏହା ଉତ୍ତରପ୍ରଦେଶର ଗୋରଖପୁର ସହରରେ ରହିଛି । ଏହା ଭାରତୀୟ ରେଳବାଇର ସବୁଠାରୁ ଅଧିକ ରେଳ ଟିକଟ ବିକ୍ରି ହେଉଥିବା ୧୦୦ ଷ୍ଟେସନ ମଧ୍ୟରେ ରହିଛି । ଏଥିସହିତ ୧୦ଟି ସ୍ଥାନୀୟ ରେଳ ଷ୍ଟେସନ ସଂଯୁକ୍ତ ।

ଶୈଳୀ ଏବଂ ସ୍ଥାପତ୍ୟ, ଉଭୟ ଦୃଷ୍ଟିରୁ ଅନନ୍ୟ ।

### ଖଡଗପୁର ଜଙ୍କସନ୍

ଖଡ଼ଗପୁର ଜଙ୍କସନ୍ ରେଳ ଷ୍ଟେସନ ଦୀର୍ଘବର୍ଷ ପର୍ଯ୍ୟନ୍ତ ପୃଥିବୀର ଦୀର୍ଘତମ ରେଳ ପ୍ଲାଟଫର୍ମର ମାନ୍ୟତା ପାଇଥିଲା । ଅବଶ୍ୟ ଏହି ମାନ୍ୟତା ବର୍ତ୍ତମାନ ଗୋରଖପୁର ରେଳ ଷ୍ଟେସନକୁ ମିଳିଛି । ତେବେ ବର୍ତ୍ତମାନ ଖଡ଼ଗପୁର ପୃଥିବୀର ତୃତୀୟ ଦୀର୍ଘତମ ରେଳ ପ୍ଲାଟଫର୍ମ ।

### ଦୁଧସାଗର ରେଳ ଷ୍ଟେସନ

ପ୍ରାକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ବିବଚେନା କଲେ ଗୋଆର ଦୁଧସାଗର ରେଳ ଷ୍ଟେସନ ଯେକୌଣସି ପ୍ରକୃତିପ୍ରେମୀଙ୍କ ପାଇଁ ଅନୁପ୍ରାଣିତ । ଏହା ବିଖ୍ୟାତ ଦୁଧସାଗର ଜଳପ୍ରପାତର ବାମ ପାର୍ଶ୍ୱରେ ରହିଛି । ସବୁଜିମାରେ ଭରପୂର ଏହି ସ୍ଥାନ ଯାତ୍ରୀଙ୍କର କ୍ଲାନ୍ତି ହରଣ କରିନିଏ । ଏହା ଆକର୍ଷକ ହେବା ସହ ପୃଥିବୀର ଅନ୍ୟତମ ପ୍ରାକୃତିକ ବିସ୍ମୟ । କେବଳ ଏହି ରେଳ ଷ୍ଟେସନକୁ ଦେଖିବା ପାଇଁ ମଧ୍ୟ ଅନେକ ପର୍ଯ୍ୟଟକ ଏଠାକୁ ଆସନ୍ତି । ପର୍ଯ୍ୟଟକମାନଙ୍କର ମତ ପ୍ରତ୍ୟେକ ପ୍ରକୃତିପ୍ରେମୀ ଜୀବନରେ ଥରେ ଏଠାକୁ ଆସିବା ଉଚିତ୍ ।









### ଘୁମ୍ ରେଳ ଷ୍ଟେସନ

ପଶ୍ଚିମବଙ୍ଗର ଦାର୍ଜିଲିଂ ହିମାଳୟ ପାର୍ବତ୍ୟ କ୍ଷେତ୍ରରେ ଘୁମ୍ ଏକ ଛୋଟ ପାହାଡ଼ିଆ ଅଞ୍ଚଳ । ତେବେ ଭାରତର ଏହା ସବୁଠାରୁ ଉଚ୍ଚତାରେ ଥିବା ରେଳ ଷ୍ଟେସନ । ଏହା ସମୁଦ୍ର ପତନରୁ ୨୨୫୮ ମିଟର ଉଚ୍ଚତାରେ ରହିଛି ।

ବ୍ୟସ୍ତବହୁଳ ଏବଂ ଅନ୍ୟତମ ବୃହତ୍ ରେଳ ଷ୍ଟେସନ। ଏଠାରେ ରେକର୍ଡ ସଂଖ୍ୟକ ରୁଟ୍ ଇଣ୍ଟରଲକିଂ ସିଷ୍ଟମ୍ ରହିଛି । ଏହାର ୧୬ଟି ପ୍ଲାଟଫର୍ମରେ ଦୈନିକ ୩୦୦ ଟ୍ରେନ୍ ଯାତାୟାତ କରେ ଏବଂ ପ୍ରାୟ ୫ଲକ୍ଷ ଯାତ୍ରୀ ଦୈନିକ ଏହି ରେଳ ଷ୍ଟେସନ ବ୍ୟବହାର କରନ୍ତି । ଏହାକୁ ଦିଲ୍ଲୀ ଜଙ୍କ୍ସନ୍ ମଧ୍ୟ କୁହାଯାଏ ।କାନ୍‌ପୁର୍ ସେଣ୍ଟ୍ରାଲ୍ ଏବଂ ବିଜୟୱାଡ଼ା ପରେ ଏହା ଦେଇ ସବୁଠାରୁ ଅଧିକ ଟ୍ରେନ୍ ଯାତାୟତ କରିଥାଏ ।୧୮୬୪ ମସିହାରେ ଯେତେବେଳେ ହାଓଡ଼ା ଷ୍ଟେସନ୍‌ରୁ ଦିଲ୍ଲୀକୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା ସେତେବେଳେ ଚାନ୍ଦିନୀ ଚୌକ ଅଞ୍ଚଳରେ ଏହା ନିର୍ମିତ ହୋଇଥିଲା ।

### ଛତ୍ରପତି ଶିବାଜୀ ଟର୍ମିନସ

ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍ ବା ସିଏସ୍‌ଟି ଭାରତର ସବୁଠାରୁ ସୁନ୍ଦର ରେଳ ଷ୍ଟେସନ ମଧ୍ୟରୁ ଅନ୍ୟତମ । ପୂର୍ବରୁ ଏହାକୁ ଭିକ୍ଟୋରିଆ ଟର୍ମିନସ୍ ଷ୍ଟେସନ୍ କୁହାଯାଉଥିଲା । ୨.୮୫ ହେକ୍ଟର ପରିବ୍ୟାପ୍ତ ଏହି ଷ୍ଟେସନ ସ୍ଥାପତ୍ୟର ଏକ ବିସ୍ମୟ ଏବଂ ଏକ ୟୁନେସ୍କୋ ଐତିହ୍ୟ ସ୍ଥଳ । ଏହା ଭିକ୍ଟୋରିୟାନ୍ ଯୁଗ ଏବଂ ଭାରତୀୟ କଳାଶୈଳୀର ମିଶ୍ରଣର ଏକ ଅନନ୍ୟ ଉଦାହରଣ । ଏହି ରେଳ ଷ୍ଟେସନ ଦେଇ ଉଭୟ ଦୂରଗାମୀ ଏବଂ ଲୋକାଲ ଟ୍ରେନ୍ ଯାତାୟାତ କରିଥାଏ । ପ୍ରତିଦିନ ପ୍ରାୟ ୩ନିୟୁତ ଯାତ୍ରୀ ଏହାକୁ ବ୍ୟବହାର କରନ୍ତି । ଏଥିରେ ପ୍ରଥମେ ଚାରୋଟି ରେଳ ଧାରଣା ଥିଲା, କିନ୍ତୁ ସମୟ କ୍ରମେ ଏହା ସଂପ୍ରସାରିତ ହୋଇଥିଲା । ବର୍ତ୍ତମାନ ଏଥିରେ ୭ଟି ଲୋକାଲ ଏବଂ ୧୧ଟି ଦୂରଗାମୀ ରେଳ ଧାରଣା ରହିଛି ।

୧୮୫୩ ମସିହା ଏପ୍ରିଲ୍ ୧୬ ତାରିଖରେ ଭାରତର ପ୍ରଥମ ରେଲ ଚଳାଚଳ ଆରମ୍ଭ ହୋଇଥିଲା ଏହି ଷ୍ଟେସନ୍‌ରୁ । ଏହି ଷ୍ଟେସନ୍ ରହିଛି ମୁମ୍ବାଇର ବୋରି ବନ୍ଦର ଠାରେ । ଏହିଠାରୁ ପ୍ରଥମ ରେଳ ବାହାରି ୫୭ ମିନିଟ୍ ପରେ ୩୪ କିଲୋମିଟର ଦୂର ଥାନେରେ ପହଞ୍ଚି ଥିଲା । ଏହା ଭାରତର ସର୍ବପୁରାତନ ତିନି ଷ୍ଟେସନ୍ ମଧ୍ୟରୁ ଅନ୍ୟତମ ।

ଦୀର୍ଘତମ ରେଳ ପରିସର ଏହା । ଏଥିରେ ସମୁଦାୟ ୨୩ଟି ପ୍ଲାଟଫର୍ମ ରହିଛି । ଭାରତର ଯେକୌଣସି ରେଳ ଷ୍ଟେସନ ଅପେକ୍ଷା ଏହାର ରେଳ ପରିଚାଳନା କ୍ଷମତା ସର୍ବାଧିକ । ଦୈନିକ ଯାତ୍ରୀ ସଂଖ୍ୟା ଦୃଷ୍ଟିରୁ ଏହା ମଧ୍ୟ ଦେଶର ଅନ୍ୟତମ ଚଳଚଞ୍ଚଳ ରେଳ ଷ୍ଟେସନ । ଇଷ୍ଟ ଇଣ୍ଡିଆନ୍ ରେଳ କମ୍ପାନୀର ଚିଫ୍ ଇଞ୍ଜିନିୟର୍ ଜର୍ଜ ଟର୍ନବୁଲ୍‌ଙ୍କ ଦ୍ୱାରା ପ୍ରଥମ ହାଓଡା ଷ୍ଟେସନ୍ ନିମନ୍ତେ ଯୋଜନା ଦାଖଲ କରାଯାଇଥିଲା ।୧୮୫୨ ମସିହା ଜାନୁଆରୀ ମାସରେ ଜଣା ପଡ଼ିଲା ଯେ ସରକାରୀ କର୍ତ୍ତୃପକ୍ଷ ଆବଶ୍ୟକ ପରିମାଣର ଭୂମି କ୍ରୟ କରିବେ ନାହିଁ ତେଣୁ ଏହି ଯୋଜନା ବାତିଲ ହୋଇଗଲା । ତେବେ ଅଧିକ ଗହଳି ନିୟନ୍ତ୍ରଣ କରିବା ପାଇଁ ୧୯୦୧ରେ ଏକ ନୂତନ ଷ୍ଟେସନ୍ ନିର୍ମାଣ ପାଇଁ ପ୍ରସ୍ତାବ ରଖାଗଲା । ବ୍ରିଟିଶ୍ ସ୍ଥପତି ହାଲ୍‌ସେ ରିକାର୍ଡୋ ନୂତନ ଷ୍ଟେସନ୍‌ର ଡିଜାଇନ୍ ପ୍ରସ୍ତୁତ କରିଥିଲେ । ୧ ଡିସେମ୍ବର ୧୯୦୫ରେ ଏହା ସାର୍ବଜନୀନ ସେବା ପାଇଁ ଉନ୍ମୁକ୍ତ ହୋଇଥିଲା ।

### ଲକ୍ଷ୍ନୌ ରେଳ ଷ୍ଟେସନ

ଉତ୍ତରପ୍ରଦେଶର ଲକ୍ଷ୍ନୌ ସହରରେ ଥିବା ଲକ୍ଷ୍ନୌ ରେଳ ଷ୍ଟେସନ ନିର୍ମାଣ ଦୃଷ୍ଟିରୁ ସ୍ଥାପତ୍ୟର ଏକ ବିସ୍ମୟ । ଏହାର ନିର୍ମାଣ ଶୈଳୀ ଅତ୍ୟନ୍ତ ସୁନ୍ଦର । ଏହି ଷ୍ଟେସନକୁ ପୂର୍ବରୁ ଚାରବାଗ୍ ରେଳ ଷ୍ଟେସନ ମଧ୍ୟ କୁହାଯାଉଥିଲା । କାରଣ ପୂର୍ବରୁ ଏଠାରେ ୪ଟି ରାଜକୀୟ ଉଦ୍ୟାନ ଥିଲା । ବର୍ତ୍ତମାନ ଏହା ଏକ ରାଜପ୍ରାସାଦ ପରି ମନେହୁଏ । ଏହାର ଚାରିପାଖରେ ଛତ୍ରି ଏବଂ ଗମ୍ବୁଜ ରହିଛି । ୧୯୨୩ ମସିହାରେ ୭୦ ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମିତ ହୋଇଥିଲା ।

### ଥାନେ ରେଳ ଷ୍ଟେସନ୍

ଭାରତର ପ୍ରଥମ ଯାତ୍ରୀବାହୀ ରେଳ ପାଇଁ ଏହା ପ୍ରଥମ ଟର୍ମିନସ୍ ଥିଲା । ତେଣୁ ଛତ୍ରପତି ଶିବାଜୀ ଷ୍ଟେସନ୍ ପରି ଏହା ମଧ୍ୟ ୧୯୫୩ରେ ନିର୍ମିତ ହୋଇଥିଲା । ପ୍ରଥମେ ସେଠାରେ ତିନୋଟି ଯାତ୍ରୀବାହୀ ରେଳ– ସାହେବ୍, ସିନ୍ଧ୍ ଏବଂ ସୁଲ୍‌ତାନ ରହୁଥିଲା ।

### ସିଓନ ରେଳ ଷ୍ଟେସନ୍

୧୮୫୩ରେ ଯେତେବେଳେ ଭାରତର ପ୍ରଥମ ଟ୍ରେନ୍ ବୋରିବନ୍ଦର ଠାରୁ ଥାନେ ପର୍ଯ୍ୟନ୍ତ ଚାଲିଲା ସେତେବେଳେ ଏହା ସିଓନ୍ ଷ୍ଟେସନ୍‌ରେ ଅଟକି ଥିଲା ପାଣି ଭରିବା ପାଇଁ । ଅର୍ଥାତ୍ ଏହା ମଧ୍ୟ ୧୮୫୩ ମସିହାରେ ଆରମ୍ଭ ହୋଇଥିଲା ।

### ରୋୟାପୁରମ୍ ରେଳ ଷ୍ଟେସନ୍

ଚେନ୍ନାଇ ବେଳାଭୂମିର ଆରାକୋନାମ୍ ବିଭାଗରେ ରୋୟାପୁରମ୍ ଠାରେ ଅଛି ଏହି ରେଳ ଷ୍ଟେସନ୍ ।ଭାରତର ସର୍ବପୁରାତନ କାର୍ଯ୍ୟକ୍ଷମ ରେଳ ଷ୍ଟେସନ୍ ମଧ୍ୟରୁ ଏହା ଅନ୍ୟତମ । ଦେଶର ଅନ୍ୟ ଦୁଇ ସର୍ବପୁରାତନ ରେଳ ଷ୍ଟେସନ୍ ମୁମ୍ବାଇ ଏବଂ ଥାନେର ପୁରାତନ ଅଂଶ ଏବେ କାର୍ଯ୍ୟକ୍ଷମ ନାହିଁ । ଦକ୍ଷିଣର ଭାରତର ପ୍ରଥମ ଟ୍ରେନ୍ ରୋୟାପୁରମ୍ ଷ୍ଟେସନ୍‌ରୁ ୧୮୫୬ ମସିହା ଜୁନ୍ ମାସରେ ଚଳାଚଳ ଆରମ୍ଭ କରିଥିଲା ।୧୯୨୨ ମସିହାରେ ଏହା ମାଡ୍ରାସ୍ ଏବଂ ଦକ୍ଷିଣ ମହ୍ରାଟ୍ଟା ରେଳବାଇର ମୁଖ୍ୟାଳୟ ଭାବରେ କାର୍ଯ୍ୟ କରୁଥିଲା । ଏହାପରେ ଏହା ଏଗ୍‌ମୋର୍‌କୁ ସ୍ଥାନାନ୍ତରିତ ହୋଇଥିଲା । ମୁମ୍ବାଇ ଏବଂ ଥାନେର ପ୍ରଥମ ଅଟ୍ଟାଳିକା ବର୍ତ୍ତମାନ ନଥିବାରୁ ଏହି ଷ୍ଟେସନ୍ ବର୍ତ୍ତମାନ ଉପ ମହାଦେଶର ସର୍ବପୁରାତନ ରେଳ ଷ୍ଟେସନ୍‌ର ମାନ୍ୟତା ପାଉଛି ।



ରେଳ ଷ୍ଟେସନ୍ ଅଛି ଯାହାର ପ୍ଲାଟଫର୍ମ ଅନ୍ୟ ରେଳ ଷ୍ଟେସନ୍‌ର ପ୍ଲାଟଫର୍ମ ଠାରୁ ଖୁବ୍ ଅଧିକ । ତେବେ ସାତଟି ରେଳ ପ୍ଲାଟଫର୍ମର ଦୀର୍ଘତା ପ୍ରକୃତରେ ଉଲ୍ଲେଖଯୋଗ୍ୟ । ଏ ମଧ୍ୟରେ ସବୁଠାରୁ ଆଗରେ ଅଛି ଗୋରଖପୁର ରେଳ ଷ୍ଟେସନ୍ । ଏହି ଷ୍ଟେସନ୍‌ର ପ୍ଲାଟଫର୍ମର ଲମ୍ବା ୧,୩୬୬.୩୩ ମିଟର ଅର୍ଥାତ୍ ୪୪୮୩ ଫୁଟ ଛ ଏହା ପୃଥିବୀରେ ସବୁଠାରୁ ଦୀର୍ଘ ପ୍ଲାଟଫର୍ମ । ଭାରତର ସବୁଠାରୁ ଅଧିକ ରେଳ ଟିକଟ ବିକ୍ରି ହେଉଥିବା ରେଳ ଷ୍ଟେସନ୍ ମଧ୍ୟରୁ ଏହା ଅନ୍ୟତମ । ଦ୍ୱିତୀୟ ସ୍ଥାନରେ ରହିଛି କେରଳର କୋଲାମ୍ ଜଙ୍କସନ୍ । ଏହା କେରଳର ସର୍ବପୁରାତନ ରେଳ ଷ୍ଟେସନ୍ ଏବଂ ଏବଂ ଭାରତର ଦ୍ୱିତୀୟ ଦୀର୍ଘତମ ପ୍ଲାଟଫର୍ମ ରହିଛି ଏହାର । ଏହି ପ୍ଲାଟଫର୍ମର ଲମ୍ବା ୧,୧୮୦.୦ ମିଟର ବା ୩୮୭୩ ଫୁଟ ଛ ଭାରତରେ ଦ୍ରୁତତମ ୱାଇଫାଇ ଇଣ୍ଟରନେଟ୍ ସେବା ଯୋଗାଉଥିବା ୧୦୦ ଷ୍ଟେସନ୍ ମଧ୍ୟରେ ଏହା ରହିଛି । ତୃତୀୟ ସ୍ଥାନରେ ଅଛି ପଶ୍ଚିମବଙ୍ଗର ଖଡ଼ଗପୁର ଷ୍ଟେସନ୍ । ଏହା ପୃଥିବୀର ତୃତୀୟ ଦୀର୍ଘତମ ପ୍ଲାଟଫର୍ମ । ଏହାର ଦୀର୍ଘତା ପ୍ରାୟ ୧,୦୭୨.୫ ମିଟର ବା ୩୫୧୯ ଫୁଟ । ରେଳ ରିଜର୍ଭେସନ୍ କ୍ଷେତ୍ରରେ ଏହା ଦେଶରେ ପଞ୍ଚମ ସର୍ବବୃହତ୍ । ୨୦୧୩ ମସିହା ପର୍ଯ୍ୟନ୍ତ ଏହା ପୃଥିବୀର ଦୀର୍ଘତମ ରେଳ ଷ୍ଟେସନ୍‌ର ମାନ୍ୟତା ପାଇ ଆସୁଥିଲା । ଚତୁର୍ଥ ସ୍ଥାନରେ ଅଛି ଛତିଶଗଡ଼ର ବିଲାଶପୁର ରେଳ ଷ୍ଟେସନ୍ । ଏହା ଦୀର୍ଘତାରେ ଭାରତରେ ଚତୁର୍ଥ ଏବଂ ସାରା ପୃଥିବୀରେ ପଞ୍ଚମ । ଏହା ୮୦୨ ମିଟର ଦୀର୍ଘ ଏବଂ ଏଠାରେ ଦକ୍ଷିଣ–ପୂର୍ବ କେନ୍ଦ୍ରୀୟ ରେଳବାଇର ମୁଖ୍ୟାଳୟ ରହିଛି । ଉତ୍ତର ପ୍ରଦେଶର ଝାନ୍ସି ରେଳ ଷ୍ଟେସନ୍ ଦୀର୍ଘତା ଦୃଷ୍ଟିରୁ ଭାରତରେ ପଞ୍ଚମ । ଏହାର ପ୍ଲାଟଫର୍ମ ୭୭୦ ମିଟର ବା ୨୫୨୬ ଫୁଟ ଦୀର୍ଘ । ଏହି ଷ୍ଟେସନ୍ ମଧ୍ୟରେ ରେଷ୍ଟୁରାଷ୍ଟ, ଶୀତତାପ ନିୟନ୍ତ୍ରିତ କୋଠରି ଏବଂ ପର୍ଯ୍ୟଟନ ସୂଚନା କାର୍ଯ୍ୟାଳୟ ରହିଛି । ବିହାରର ସୋନେପୁର୍ ରେଳଷ୍ଟେସନ୍ ଭାରତର ଷଷ୍ଠ ଏବଂ ବିଶ୍ୱର ଦଶମ ଦୀର୍ଘତମ ରେଳ ଷ୍ଟେସନ୍ । ଏହାର ପ୍ଲାଟଫର୍ମର ଦୀର୍ଘତା ୭୩୮ ମିଟର ବା ୨୪୨୧ ଫୁଟ । ଏହି ଷ୍ଟେସନ୍‌ରେ ୬ଟି ପ୍ଲାଟଫର୍ମ ରହିଛି । ଏହି ସହରରେ ଭାରତର ଦୀର୍ଘତମ ସଡକ–ରେଳ ପୋଲ ରହିଛି ଯାହାକୁ କୁହାଯାଏ ଗଙ୍ଗା ରେଲ୍ ରୋଡ୍ ବ୍ରିଜ୍ । ଦୀର୍ଘତାରେ ସପ୍ତମ ସ୍ଥାନରେ ଅଛି ପଶ୍ଚିମବଙ୍ଗର ନବଦ୍ୱୀପ ଧାମ ରେଳ ଷ୍ଟେସନ୍‌ର ପ୍ଲାଟଫର୍ମ । ଏହି ପ୍ଲାଟଫର୍ମର ସମୁଦାୟ ଦୀର୍ଘତା ୭୨୦ ମିଟର ବା ୨୩୬୨ ଫୁଟ । ଏହି ଷ୍ଟେସନ୍ ହାଓଡ଼ା ଠାରୁ ୧୦୫ କିମି ଦୂରତାରେ ବନ୍ଦେଲ୍– କେଟୱା ଶାଖା ଲାଇନ୍‌ରେ ରହିଛି ଏବଂ ଏହାର ଆସାମ, ବିହାର, ଓଡ଼ିଶା ଏବଂ କୋଲକାତା ସହ ଭଲ ଯୋଗାଯୋଗ ବ୍ୟବସ୍ଥା ରହିଛି ।



### ଭାରତୀୟ ରେଳ ସମ୍ପର୍କରେ କିଛି

ଇଂରେଜମାନେ ଭାରତକୁ ଯାହା କିଛି ଭଲ ଦେଇ ଯାଇଥିଲେ ସେ ମଧ୍ୟରୁ ଅନ୍ୟତମ ରେଳ ବ୍ୟବସ୍ଥା । ସେମାନେ ନିଜର ଗମନାଗମନର ସୁବିଧା ପାଇଁ ଭାରତକୁ ରେଳ ଆଣି ଥିଲେ କିନ୍ତୁ ବର୍ତ୍ତମାନ ଭାରତ ପୃଥିବୀର ତୃତୀୟ ବୃହତ୍ତମ ରେଳ ଯାତାୟତ ବ୍ୟବସ୍ଥା ଛ ଏହା ଭାରତର ଜୀବନ ଧାରା ଏବଂ ଏହା ନିଜର ବିଦ୍ୟୁତ୍ ଚାଳିତ, ଡିଜେଲ୍ ଚାଳିତ ଏବଂ ପାସେଞ୍ଜର୍ କୋଚ୍ ଫାକ୍ଟ୍ରିଗୁଡ଼ିକୁ ପରିଚାଳନା କରେ । ଏହାର ନିଜସ୍ୱ ଗବେଷଣା ଏବଂ ମାନକ ବିଭାଗ ରହିଛି । ରେଳବାଇ ପାଇଁ ଭାରତ ସରକାରଙ୍କର ସ୍ୱତନ୍ତ୍ର ବିଭାଗ ଏବଂ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା ରହିଛି । ରେଳବାଇ ଭାରତର ବୃହତ୍ ଜନସଂଖ୍ୟାକୁ ନିଜର ଦୈନନ୍ଦିନ କାର୍ଯ୍ୟକଳାପ ସୁରୁଖୁରୁରେ ଚଲାଇବାରେ ସାହାଯ୍ୟ କରିଥାଏ ।

ଭାରତରେ ପ୍ରଥମ ରେଳ ଚଳାଚଳ ଆରମ୍ଭ ହୋଇଥିଲା ୧୮୫୩ ମସିହା ଏପ୍ରିଲ୍ ୧୬ ତାରିଖରେ, ବୋରି ବନ୍ଦରରୁ ଥାନେ ପର୍ଯ୍ୟନ୍ତ । ଭାରତୀୟ ରେଳର ମାସ୍କଟ୍ ହେଉଛି ଭୋଲୁ ନାମକ ହାତୀ । ଭାରତୀୟ ରେଳବାଇର ସମୁଦାୟ ଧାରଣା ନିରକ୍ଷ ବୃତ୍ତକୁ ଦେଢ଼ଥର ଅତିକ୍ରମ କରି ପାରିବ । ପ୍ରତିଦିନ ଭାରତୀୟ ରେଳ ଯେତିକି ଦୂରତା ଅତିକ୍ରମ କରେ ଏହା ପୃଥିବୀରୁ ଚନ୍ଦ୍ର ଦୂରତାର ସାଢ଼େ ତିନି ଗୁଣ । ପୃଥିବୀର ସମୁଦାୟ ୧୨୭,୭୬୦ କିଲୋମିଟର ରେଳ ନେଟ୍‌ୱାର୍କ ମଧ୍ୟରୁ ୬୫,୮୦୮ କିମି ରହିଛି କେବଳ ଭାରତରେ । ବାର୍ଷିକ ୮୪୨୧ ମିଲିୟନ୍ ଯାତ୍ରୀ ୯୯୧ଟି ଟ୍ରେନ୍‌ରେ ଭାରତର ୭୧୭୨ ଷ୍ଟେସନ୍‌ରେ ଚଳାଚଳ କରିଥାଆନ୍ତି । ଭାରତର ପ୍ରତିଦିନିଆ ଯାତ୍ରୀଙ୍କ ସଂଖ୍ୟା କେତେକ ଦେଶର ସମୁଦାୟ ଜନସଂଖ୍ୟା ଠାରୁ ମଧ୍ୟ ଅଧିକ । ଏହା ବର୍ଷକୁ ୧୦୧୪.୧୫ ମିଲିୟନ୍ ଟନ୍ ମାଲ୍ ପରିବହନ ମଧ୍ୟ କରିଥାଏ । ହଁ ଜାଣନ୍ତି କି, ଭାରତର ପ୍ରଥମ ରେଳ ରାସ୍ତା ଦୁଇଜଣ ଭାରତୀୟଙ୍କ ଦ୍ୱାରା ନିର୍ମିତ ହୋଇଥିଲା ? ସେମାନେ ହେଉଛନ୍ତି ଜଗନ୍ନାଥ ଶଙ୍କରସେଠ ଏବଂ ଜାମ୍‌ସେଦଜୀ ଜିଜାଭୋଏ ।

ଭାରତରେ ମେଟୁପଲୟମ୍ ଉଟି ନୀଳଗିରି ପାସେଞ୍ଜର୍ ଟ୍ରେନ୍ ସବୁଠାରୁ ଧିମା ଟ୍ରେନ୍ । ଏହା ଘଣ୍ଟା ପିଛା ୧୦ କିମି ବେଗରେ ଚାଲି ଥାଏ ।

ଭାରତର ସବୁଠାରୁ ଦୀର୍ଘ ରେଳଷ୍ଟେସନ୍ ନାମ ହେଉଛି ଭେଙ୍କଟନର ସିମ୍ହାରା ଜୁବାରିପେଟା ।

ଏହାର କର୍ମଚାରୀ ସଂଖ୍ୟା ପ୍ରାୟ ୧.୬ ନିୟୁତ, ଏବଂ ଏହା ପୃଥିବୀର ନବମ ବୃହତ୍ ନିଯୁକ୍ତିଦାତା । ଭାରତୀୟ ରେଳ କେବଳ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ।

ହାଓଡ଼ା –ଅମୃତସର ଏକ୍ସପ୍ରେସ୍ ସବୁଠାରୁ ଅଧିକ ରହଣି ଥିବା ଏକ୍ସପ୍ରେସ୍ ଟ୍ରେନ୍, ଏହା ୧୧୫ଟି ଷ୍ଟେସନ୍‌ରେ ଅଟକେ ।

୧୯୮୬ ମସିହାରେ ଭାରତରେ ନୂଆଦିଲ୍ଲୀରେ ପ୍ରଥମ କମ୍ପ୍ୟୁଟରୀକୃତ ରିଜର୍ଭେସନ୍ ସେବା ଆରମ୍ଭ ହେଲା ।

ଗୌହାଟି–ତ୍ରିଭେନ୍ଦ୍ରମ୍ ଏକ୍ସପ୍ରେସ୍ ଦେଶର ସବୁଠାରୁ ଅବିଶ୍ୱସନୀୟ । ଏହା ଦୈନିକ ପ୍ରାୟ ୧୦–୧୨ ଘଣ୍ଟା ବିଳମ୍ବରେ ଆସିଥାଏ ।

ଭାରତର ଉଚ୍ଚତମ ରେଳ ପୋଲ ଚେନାବ୍ ନଦୀ ଉପରେ ନିର୍ମିତ ହେଉଛି, ଏହା ଏଫିଲ୍ ଟାୱାର୍କୁ ମଧ୍ୟ ବଳିଯିବ ।

ଆପଣ ଜାଣି ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ ଯେ ୫୦ ବର୍ଷ ପର୍ଯ୍ୟନ୍ତ ଭାରତୀୟ ରେଳ ଗୁଡ଼ିକରେ ଶୌଚାଳୟ ବ୍ୟବସ୍ଥା ନଥିଲା ।

୨୦୧୪ ମସିହାରେ ଟେନ୍‌ରେ ସମୟ ଜାଣିବା ପାଇଁ ଭାରତୀୟ ରେଳ ଦ୍ୱାରା ଏକ ମୋବାଇଲ୍ ଆପ୍ ବ୍ୟବସ୍ଥା ଆରମ୍ଭ ହୋଇଛି ।

ଭାରତର ଛତ୍ରପତି ଶିବାଜୀ ଟର୍ମିନସ୍ ଏବଂ ଇଣ୍ଡିଆନ୍ ମାଉଣ୍ଟେନ୍ ରେଲ୍‌ୱେକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳରେ ସାମିଲ କରିଛି ।

ଇଣ୍ଡିଆନ୍ ମାଉଣ୍ଟେନ୍ ରେଲ୍‌ୱେ ମଧ୍ୟରେ ରହିଛି ତିନୋଟି ରେଳବାଇ ଡିଭିଜନ୍ – ଦାର୍ଜିଲିଂ ହିମାଲୟାନ୍ ରେଲୱେ, ନିଲଗିରି ମାଉଣ୍ଟେନ୍ ରେଲେ୍‌ୱେ ଏବଂ କାଲ୍କା–ସିମ୍ଲା ରେଲେ୍‌ୱେ । ଏହି ତିନୋଟି ଯାକ ଟ୍ରେନ୍ ୧୦୦ ବର୍ଷ ହେବ ଚଳାଚଳ କରୁଛି ।

ଭାରତୀୟ ରେଳବାଇର ପାଞ୍ଚଟି ବିଳାସମୟ ଟ୍ରେନ୍ ରହିଛି । ସେଗୁଡ଼ିକ ହେଉଛି– ରୟାଲ୍ ରାଜସ୍ଥାନ ଅନ୍ ଦି ହୁଇଲ୍ସ, ପ୍ୟାଲେସ୍ ଅନ୍ ହୁଇଲ୍ସ (ରାଜସ୍ଥାନ), ଦି ଗୋଲ୍ଡେନ୍ ଚାରିଅଟ୍ (କର୍ଣ୍ଣାଟକ ଏବଂ ଗୋଆ), ଦି ମହାରାଜା ଏକ୍ସପ୍ରେସ୍ (ଦିଲ୍ଲୀରୁ ଆରମ୍ଭ) ଏବଂ ଦି ଡେକାନ୍ ଓଡେଶୀ (ମହାରାଷ୍ଟ୍ରରୁ ଆରମ୍ଭ ) । ଏଗୁଡ଼ିକ ଭାରତୀୟ ରେଳବାଇର ଗୌରବ କାରଣ ପୃଥିବୀର ସବୁଠାରୁ ବିଳାସମୟ ଟ୍ରେନ୍ ମଧ୍ୟରୁ ଏଗୁଡ଼ିକ ଅନ୍ୟତମ । ଦୀର୍ଘତମ ଦୂରତା ଅତିକ୍ରମ କରୁଥିବା ଭାରତୀୟ ରେଳର ମାନ୍ୟତା ପାଇଛି ବିବେକ୍ ଏକ୍ସପ୍ରେସ୍ (ଦିବ୍ରୁଗଡ଼ ରୁ କନ୍ୟାକୁମାରୀ) । ଏହା ୪୨୭୩ କିମି ଦୂରତା ଅତିକ୍ରମ କରେ । ଭାରତର ସବୁଠାରୁ କମ୍ ଦୂରତା ଅତିକ୍ରମ କରୁଥିବା ଟ୍ରେନ୍ ନାଗପୁରରୁ ଅଜ୍ନି ମଧ୍ୟରେ ଚଳାଚଳ କରେ, ଏହି ଦୂରତା ମାତ୍ର ୩ କିଲୋମିଟର ।

### ଭାରତର ଦୀର୍ଘତମ ରେଳ ପ୍ଲାଟଫର୍ମ

ରେଳ ନେଟ୍‌ୱାର୍କରେ ଭାରତ ପୃଥିବୀରେ ତୃତୀୟ । ଭାରତୀୟ ରେଳବାଇର ୭,୧୧୨ ଟି ଷ୍ଟେସନ୍ ରହିଛି ସାରା ଦେଶରେ । ସମୁଦାୟ ୬୫,୮୦୮ କିମି ଦୀର୍ଘ ଏହାର ଯୋଗାଯୋଗ । ଏଠାରେ ଅନେକ












### କଟକ ରେଳ ଷ୍ଟେସନ

ଏହା ଏକ ଅତ୍ୟନ୍ତ ସୁନ୍ଦର ରେଳ ଷ୍ଟେସନ ଏବଂ ସାରା ବିଶ୍ୱର ଅନେକ ସ୍ଥପତିଙ୍କୁ ଏହା ପ୍ରେରଣା ଦେଇଛି । ଓଡ଼ିଶାରେ ଚତୁର୍ଦ୍ଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ବାରବାଟୀ ଦୁର୍ଗର ଶୈଳୀ ଦ୍ୱାରା ଅନୁପ୍ରେରିତ ହୋଇଛି ଏହି ଷ୍ଟେସନର ସ୍ଥାପତ୍ୟ । ଏହା

ଏହି ରେଳ ଷ୍ଟେସନ ନିକଟରେ ରହିଛି ଦାର୍ଜିଲିଂର ବିଖ୍ୟାତ ଘୁମ୍ ବୌଦ୍ଧ ମଠ ଏବଂ ଦାର୍ଜିଲିଂ ହିମାଳୟାନ୍ ରେଳବାଇର ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼, ଯାହାକୁ କୁହାଯାଏ ବଟାସିଆ ଲୁପ୍ ।

### ନୂଆଦିଲ୍ଲୀ ରେଳ ଷ୍ଟେସନ

ଏହା ଭାରତର ତୃତୀୟ

### ହାଓଡ଼ା ରେଳ ଷ୍ଟେସନ

ଭାରତର ପୁରାତନ ଏବଂ





